## ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢେ଼ଙ୍କାନାଳ

ପତ୍ର ସଂଖ୍ୟା. ୫୪୫ /ସୂ.ଲୋ.ସଂ. ତା. ୧୧/୧୧/୨୦୨୧

# ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା ୧୧.୧୧.୨୦୨୧-

ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସଭାଗୃହ ଠାରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରକୃତ ଚାଷୀଭାଇମାନେ ଯେପରି ସହଜରେ ସେମାନଙ୍କର ଧାନ ବିକ୍ରି କରିପାରିବେ, ସେଥିପ୍ରତି ସୁବ୍ୟବସ୍ଥା କରିବାକୁ ମାନ୍ୟବର ସାଂସଦ ବିଭାଗୀୟ ଅଧିକାରୀ ଓ ମିଲରମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଚଳିତ ମାସ ପହିଲା ଠାରୁ ମାର୍ଚ୍ଚ ମାସ ୩୧ ତାରିଖ ମଧ୍ୟରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ୭୯ ଟି କେନ୍ଦ୍ରରେ ଧାନ ବିକ୍ରି ପାଇଁ ଜିଲ୍ଲାର ୪୯,୩୫୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ରେଜିଷ୍ଟ୍ରେସନ କରିଛନ୍ତି । ଚାଷିମାନଙ୍କୁ ଧାନ ବିକ୍ରିର ଅର୍ଥ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ ମାଧ୍ୟମରେ ପ୍ରଦାନ କରାଯିବ । ଧାନ ମଣ୍ଡିଗୁଡିକ ସକାଳ ୮ ଟା ରେ ଖୋଲିବ । ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କୁ ଆଗୁଆ ଟୋକନ ପ୍ରଦାନ ସହିତ ସେମାନଙ୍କ ମୋବାଇଲକୁ ବାର୍ତ୍ତା ପଠାଯିବ । ଏହି ଟୋକନର ଅବଧି ୩୦ ଦିନ ମଧ୍ୟରେ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିପାରିବେ । ପ୍ରଥମ ପର୍ଯ୍ୟାୟରେ ୧୧,୩୦, ୮୮୨ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସାଧାରଣ ଧାନ ପାଇଁ କ୍ୱି. ପିଛା ୧,୯୪୦ ଟଙ୍କା ଓ 'ଏ' ଗ୍ରେଡ ଧାନ ପାଇଁ ୧,୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲ୍ଲା ସମସ୍ତ ୮ ଟି ବ୍ଲକର ୮ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିବେ । ଧାନ ବିକ୍ରି ନିମନ୍ତେ ଆର.ଏମ.ସି. ପକ୍ଷରୁ ଆନୁଷାଙ୍ଗିକ ବ୍ୟବସ୍ଥା କରାଯିବା ସହିତ ଏ ସମ୍ପର୍କରେ ଚାଷୀଭାଇମାନଙ୍କୁ ପ୍ରଚାର ମାଧ୍ୟମରେ ଅବଗତ କରାଯିବ ବୋଲି ଜଣାଯାଇଛି ।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ ନିୟମାବଳୀ ଅନୁପାଳନ ସହିତ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି । ଧାନ କ୍ରୟ କେନ୍ଦ୍ରଗୁଡିକରେ ସମ୍ପୃକ୍ତ ଅଧିକାରୀ ଓ ମିଲରମାନେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀ ଭାଇମାନଙ୍କୁ ଉଚିତ ସମ୍ମାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ସ୍ନିଗ୍ଧା ରାଣୀ ଧଳ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ନୀରଦ ରଞ୍ଜନ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମିଲର ଏବଂ ଚାଷୀ ଭାଇମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ